## ସଂକ୍ଷେପରେ

### ପୁଅକୁ ମାଡ଼ ହେବା ଦେଖି ବିଷ ପିଇଦେଲେ ମା'

ଖଇରା, ୫।୮(ଡି.ଏନ.ଏ.)-ପୁଅକୁ ମାଡ ହେବା ଦେଖି ଦୁଃଖ ସହିପାରିଲେନି ମା ଯଶୋଦା। ମାନସିକ ଭାରସାମ୍ୟ ହରାଇ ଶେଷରେ ବିଷପିଇ ଗୁରୁତର ହେବା ପରେ କଟକ ବଡ ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ଗୁରୁବାର ପ୍ରାଣ ହରାଇଛନ୍ତି। ଏ ସଂକ୍ରାନ୍ତରେ ପୁଅ ଉମ୍ବଧର ସେଣ୍ଡ ଖଇରା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ମୃତଦେହ ପହଞ୍ଚିବା ପରେ ଥାନା ଆଗରେ ନ୍ୟାୟ ପାଇଁ ଧାରଣାରେ ବସିବେ ବୋଲି ପରିବାର ତରଫରୁ ଚେତାବନୀ ଦିଆଯାଇଛି। ବାଲେଶ୍ୱର ଜିଲା ଖଇରା ଥାନା ନୟାଖଣ୍ଡି ପଞ୍ଚାୟତ ସରଖିଆ ଗ୍ରାମର ଉମ୍ବଧରଙ୍କର କେନାଲବନ୍ଧ ନିକଟରେ ଏକ ପାନ ଦୋକାନ ଥିଲା। ୩୧ତାରିଖ ସନ୍ଧ୍ୟାରେ ସେହି ଗ୍ରାମର ୩ଜଣ ବ୍ୟକ୍ତି ଦୋକାନ ନିକଟକୁ ଆସି ଚେତାବନୀ ଦେଇ ଦୋକାନ ଉଠାଇ ନେବାକୁ ତାଗିଦ୍ କରିଥିଲେ। ଉମ୍ବରୁ ଏହାର ପ୍ରତିବାଦ କରିବାରୁ ସେମାନେ ତାଙ୍କୁ ମାଡ ମାରିଥିଲେ। ମା' ଯଶୋଦା ପହଞ୍ଚି ଅଟକାଇବାକୁ ଚେଷ୍ଟା କରିଥିଲେ ମଧ ସେମାନେ ତାଙ୍କୁ ଗାଳିଗୁଲଜ କରିଥିଲେ। ଏଥିରେ ମର୍ମାହତ ହୋଇ ଯଶୋଦା ତତ୍କ୍ଷଣାତ ଘରକୁ ଆସି ବିଷ ପିଇ ଦେଇଥିଲେ। ଗୁରୁତର ଅବସ୍ଥାରେ ପ୍ରଥମେ ଖଇରା, ବାଲେଶ୍ୱର ପରେ କଟକ ବଡ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଥିଲା।

### ପୋଖରୀରେ ବୁଡ଼ିଗଲେ ବାଳକ

ସାରସକଣା,୫।୮(ଡି.ଏନ.ଏ.)-ମୟୂରଭଞ୍ଜ ଜିଲା ଝାରପୋଖରିଆ ଥାନା ଅନ୍ତର୍ଗତ ଉମାଦେଇପୁର ଗ୍ରାମର ଏକ ପୋଖରୀରେ ବୁଡ଼ି ଜଣେ ବାଳକଙ୍କ ମୃତ୍ୟୁ ହୋଇଛି। ସେ ହେଲେ ଦୀପକ ମହାନ୍ତଙ୍କ ପୁଅ ଅବିନାଶ(୯)। ଏନେଇ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି।

### ୯ରେ ବିକ୍ଷୋଭ

ବାରିପଦା ଅଫିସ,୫।୮- ଆସନ୍ତା ୯ ତାରିଖରେ ମୟୂରଭଞ୍ଜ ଜିଲା ଜୀବନ ବଞ୍ଚାଅ ଜୀବିକା ବଞ୍ଚାଅ ସଂଘ ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯିବ। ଏନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଯାତ୍ରା କଳାକାର, ବାରିକ, ଜିମ୍ ଏବଂ ବିୟୁଟି ପାର୍ଲର ସଂଘ ବିକ୍ଷୋଭରେ ସାମିଲ ହେବେ ବୋଲି ଯାତ୍ରା ସଂଘ ସଭାପତି ସନ୍ତୋଷ ବେହେରା କହିଛନ୍ତି।

### ବିଦ୍ୟାଳୟର ସର୍ବାଙ୍ଗୀନ ବିକାଶ ଉପରେ ଗୁରୁତ୍ୱ

ରୂପସା, ୫।୮(ଡି.ଏନ.ଏ.)- ବାଲେଶ୍ୱର ଜିଲା ରୂପସା ଥାନା ଗଡ଼ପଦା ପଞ୍ଚାୟତ ହୀରାପୁର ସରକାରୀ ହାଇସ୍କୁଲ ଆନୁକୂଲ୍ୟରେ ପୋଷ୍ୟ ବିଦ୍ୟାଳୟ ଉନ୍ନୟନ ଯୋଜନା ଆଲୋଚନାଚକ୍ର ୱେବିନାର ମାଧମରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ସୁବଳ କୁମାର ବେହେରା ଅଧକ୍ଷତା କରିଥିବା ବେଳେ ଅଧାପକ ଗୌରାଙ୍ଗ ପଣ୍ଡା ଅତିଥି ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟଅତିଥି ଭାବେ ଓଡ଼ିଶା ସରକାରଙ୍କ ଓସେପାର ଅତିରିକ୍ତ ନିର୍ଦ୍ଦେଶକ ପ୍ରଦୀପ କୁମାର ନାୟକ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସେ ବିଦ୍ୟାଳୟରେ ପାଠପଢା ସହ କ୍ରୀଡ଼ା କସରତ, ବିଜ୍ଞାନ ମେଳା, ଜୁନିଅର ରେଡ୍‌କ୍ରସ ଓ ସ୍କାଉଟ ଆଦି କାର୍ଯ୍ୟକ୍ରମ ମାଧମରେ ଛାତ୍ରୀଛାତ୍ରଙ୍କର ଶାରୀରିକ, ବୌଦ୍ଧିକ ତଥା ମାନସିକ ବିକାଶ ସମେତ ବିଦ୍ୟାଳୟର ସର୍ବାଙ୍ଗୀନ ବିକାଶ କ୍ଷେତ୍ରରେ ଶିକ୍ଷୟିତ୍ରୀଶିକ୍ଷକ ଓ ପୁରାତନ ଛାତ୍ରୀଛାତ୍ରମାନଙ୍କର ଭୂମିକା ସମ୍ବନ୍ଧରେ ଆଲୋଚନା କରିଥିଲେ। ଶିକ୍ଷକ ଅଞ୍ଚଳ ଦଳାଇ ଧନ୍ୟବାଦ ଅର୍ପଣ କରିଥିଲେ।

### ବାଇକ୍ ଧକ୍କାରେ ଜୀବନ ଗଲା

ବାଙ୍ଗିରିପୋଷି,୫।୮(ଡି.ଏନ.ଏ.): ମୟୂରଭଞ୍ଜ ଜିଲା ବାଙ୍ଗିରିପୋଷି ଥାନା ଅନ୍ତର୍ଗତ ଲକ୍ଷ୍ମୀକାନ୍ତ ମହାବିଦ୍ୟାଳୟ ନିକଟସ୍ଥ ଏକ ଛାତ୍ରାବାସ ସମ୍ମୁଖରେ ଛିଡ଼ା ହୋଇଥିବା ଜଣେ ବ୍ୟକ୍ତିଙ୍କ ବାଇକ୍ ଧକ୍କାରେ ମୃତ୍ୟୁ ଘଟିଛି। ମୃତକ ହେଲେ ଚାନ୍ଦୁଆ ଥାନା ଅନ୍ତର୍ଗତ ପୁରୁଣାପାଣି ଗ୍ରାମର ସୁଶାନ୍ତ କୁମାର ମହାନ୍ତ। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏନେଇ ଥାନାରେ ଏକ ମାମଲା(ନଂ.୧୭୬/୨୧) ରୁଜୁ ହୋଇଛି।

### ନାଳରେ ଭାସିଯାଇ ମହିଳା ମୃତ

ବସ୍ତା, ୫।୮(ଡି.ଏନ.ଏ.)-ବସ୍ତା ଥାନା ବାସୁଚକୁରାଇ ଗ୍ରାମର କୁନ୍ତୀ ଟୁଡୁ (୩୫ବର୍ଷ) ନାମ୍ନୀ ମହିଳା ସ୍ଥାନୀୟ ସୁନାମୁହିଁ ନାଳରେ ଭାସିଯାଇ ପ୍ରାଣ ହରାଇଛନ୍ତି। ବୁଧବାର ସେ ଏହି ଜଳକା ନଦୀର ଶାଖା ନାଳ ପାର ହୋଇ ଆସୁଥିବା ବେଳେ ପ୍ରଖର ସ୍ରୋତରେ ଭାସି ଯାଇଥିଲେ। ଗୁରୁବାର ମଧାହ୍ନରେ ତାଙ୍କର ମୃତଦେହ ଏକ ଗଛ ଗଣ୍ଡିରେ ଲାଖି ରହିଥିବା ବେଳେ ସ୍ଥାନୀୟ ଲୋକେ ଦେଖି ଖବର ଦେଇଥିଲେ। ପୋଲିସ ମୃତଦେହକୁ ଉଦ୍ଧାର କରିଛି।

# ଆବର୍ଜନାରେ ଅଣନିଃଶ୍ୱାସୀ

■୩ବର୍ଷ ହେଲା ଫେଲ୍ ମାରିଛି ମଶା ନିରାକରଣ
■ନାଁକୁ ମାତ୍ର କରାଯାଉଛି ଧୂଆଁ ସ୍ପ୍ରେ

କେନ୍ଦୁଝର, ୫।୮(ସ୍ୱ.ପ୍ର.)

କେନ୍ଦୁଝର ଜିଲା ମୁଖ୍ୟାଳୟର ସୌନ୍ଦର୍ଯ୍ୟକରଣ ନାମରେ ଖର୍ଚ୍ଚ ହେଉଛି କୋଟି କୋଟି ଟଙ୍କା। କିନ୍ତୁ ସହରର ଡ୍ରେନେଜ, ରାସ୍ତାଘାଟକୁ ସଫେଇ କରାଯାଉ ନ ଥିବାରୁ ସ୍ଥାନୀୟ ବାସିନ୍ଦା ନର୍କଯନ୍ତ୍ରଣା ଭୋଗୁଛନ୍ତି। ଅନ୍ୟପକ୍ଷରେ ମଶାମାଛିଙ୍କ ପ୍ରଦୁର୍ଭାବରେ ସହରବାସୀ ଅତିଷ୍ଠ ହୋଇପଡିଲେଣି। ଏବେ ରାଜ୍ୟରେ ଡେଙ୍ଗୁ ବ୍ୟାପୁଥିବାରୁ ଲୋକେ ଭୟଭୀତ ହୋଇପଡୁଛନ୍ତି। ଗତ ୩ ବର୍ଷ ହେଲା ମଶା ତେଲ କିଣାଯାଇ ନ ଥିବାରୁ ମଶା ନିରାକରଣ ଯୋଜନା ଫେଲ୍ ମାରିଛି । କେବଳ ବଡବଡିଆ ବାବୁଙ୍କ ଘରେ ମଶା ଧୂଆଁ ସ୍ପ୍ରେ କରି ଦାୟିତ୍ୱ ଶେଷ କରିଦିଆଯାଉଛି ବୋଲି ପୂର୍ବତନ ପୌରାଧକ୍ଷ ପ୍ରଭଞ୍ଜନ ପଟ୍ଟନାୟକ କହିଛନ୍ତି ।

ମ୍ୟାଲେରିଆପ୍ରବଣ କେନ୍ଦୁଝର ସହରର ବିଭିନ୍ନ ସାହି, ବସ୍ତିରେ ମାସ ମାସ ଧରି ବିଭିନ୍ନ ନାଳନର୍ଦ୍ଦମାରେ ପାଣି ଜମା ହୋଇରହୁଛି। ପୋଖରୀଗୁଡିକର ପାଣି ବିଶୋଧନ କିମ୍ବା ସଫେଇ ହେଉ ନ ଥିବାରୁ ସେସବୁ ମଧ ମଶାମାଛିଙ୍କ ଉତ୍ପତ୍ତିସ୍ଥଳ ପାଲଟିଛି। ଦିନରାତି ମଶାଙ୍କ ଦାଉରୁ ଲୋକମାନେ ଘର ଭିତରେ ବସିପାରୁନାହାନ୍ତି ବୋଲି ଆଇନଜୀବୀ ଅଶୋକ ଦାସ କହିଛନ୍ତି । ଏନେଇ ବାରମ୍ବାର ଅଭିଯୋଗ କଲେ ମଧ ମଶା ତେଲ ପକାଯାଉନାହିଁ କିମ୍ବା ମଶା ଧୂଆଁ ଛଡା ଯାଉ ନ ଥିବାରୁ ସାହିବାସୀ ପ୍ରତିବାଦ କରିବାକୁ ଏକଜୁଟ ହେଉଛନ୍ତି । ମଶା ପରିଚାଳନାରେ ପୌରପ୍ରଶାସନ ଫେଲ୍ ମାରୁଥିବାରୁ ଏନେଇ ପ୍ରତିବାଦ କରାଯିବ ବୋଲି ଜିଲା ସମ୍ପାଦକ ଶିବ କୁମାର ରାଠୋର କହିଛନ୍ତି ।

ଦୁଇଟି ଗାଡି ସହିତ ମଶା ସ୍ପ୍ରେ ଓ ଦୁଇଟି ହାତରେ ପରିଚାଳିତ ସ୍ପ୍ରେ ଭଳି ମେଶିନ ପୌରପାଳିକା ଅଫିସରେ ଖତ ଖାଇବାକୁ ବସିଥିଲେ ହେଁ ବ୍ୟବହାର ହୋଇପାରୁନାହିଁ। ସେସବୁ ମରାମତି ଅଭାବରୁ ଖରାପ ହୋଇପଡିଥିବା ବିଭାଗୀୟ କର୍ମଚାରୀମାନେ ସଫେଇ ଦେଉଛନ୍ତି । କିନ୍ତୁ ଡିଏମଏଫରୁ କୋଟି କୋଟି ଟଙ୍କା ସୌନ୍ଦର୍ଯ୍ୟକରଣ, ନୂଆ ମେଶିନ କିଣାରେ ଖର୍ଚ୍ଚ କରାଯାଉଛି ଅଥଚ ସେସବୁ ମେଶିନର ମରାମତି କରାଯାଉ ନ ଥିବାରୁ ପୌରପ୍ରଶାସନର ପାରିବାପଣିଆ ଉପରେ ସହରବାସୀ ପ୍ରଶ୍ନ ଉଠାଇଛନ୍ତି। ଜିଲା ସହରାଞ୍ଚଳ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ଘାସିନାଥ ମୁର୍ମୁ କହିଛନ୍ତି, ମ୍ୟାଲେରିଆ ଓ ଡେଙ୍ଗୁ ନିରାକରଣ ପାଇଁ ପୌର ପ୍ରଶାସନ ପଦକ୍ଷେପ ନେବା ଜରୁରୀ । ତେବେ କାହିଁକି ମଶା ତେଲ କିଣାଯାଉନାହିଁ ଓ ସ୍ପ୍ରେ ହେଉନାହିଁ ସେନେଇ ଆଶ୍ଚର୍ଯ୍ୟ ବ୍ୟକ୍ତ କରିବା ସହ ପଦକ୍ଷେପ ନେବେ ବୋଲି କହିଛନ୍ତି ।



ରାସ୍ତାକଡ଼ରେ ଜମା ହୋଇଥିବା କୁଢ଼ କୁଢ଼ ଆବର୍ଜନା।

# ପରକୀୟା ସନ୍ଦେହରେ ତଣ୍ଟି ଚିପି ଦେଇଥିଲେ ସ୍ୱାମୀ

ମାନିନୀ ନାଏକ ହତ୍ୟା ଘଟଣା



ମୃତ ମାନିନୀ।

■୨୦ଦିନ ପରେ ରହସ୍ୟ ଉନ୍ମୋଚନ କଲା ପୋଲିସ

ଠାକୁରମୁଣ୍ଡା, ୫।୮(ଡି.ଏନ.ଏ.)

ମୟୂରଭଞ୍ଜ ଜିଲା କରଞ୍ଜିଆ ଥାନା ଅନ୍ତର୍ଗତ ହାତୀବାରୀ ଗ୍ରାମର ମାନିନୀ ନାଏକ ମୃତ୍ୟୁ ଘଟଣାର ୨୦ ଦିନ ପରେ ପୋଲିସ ରହସ୍ୟ ଉନ୍ମୋଚନ କରିଛି। ପରକୀୟା ପ୍ରେମ ସନ୍ଦେହରେ ସ୍ୱାମୀ ବାଦଲ ନାଏକ ତାଙ୍କୁ ତଣ୍ଟି ହତ୍ୟା କରି ମୃତଦେହକୁ ଘର ପାଖ ବୁଦା ଭିତରକୁ ଫିଙ୍ଗି ଦେଇଥିଲେ ବୋଲି ପୋଲିସ କହିଛି। ଗୁରୁବାର କରଞ୍ଜିଆ ଥାନାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ମନୋରଞ୍ଜନ ବିଶ୍ୱାଳ ଏହି ସୂଚନା ଦେଇଛନ୍ତି।

ପୋଲିସ ସୂଚନା ଅନୁଯାୟୀ, ଗତମାସ ୧୬ ତାରିଖରେ ଆଧାର କାର୍ଡ ପାଇଁ ମାନିନୀ ହୁଡ଼ିସାହିକୁ ଯାଇଥିଲେ। ରାତି ୮ଟା ହୋଇଯିବାରୁ ସ୍ୱାମୀ ବାଦଲ ତାଙ୍କ ପାଖକୁ ଫୋନ କରି କେତେବେଳେ ଘରକୁ ଆସିବ ବୋଲି ପଚାରିଥିଲେ। ପରେ ବାଦଲ ଘରଠାରୁ କିଛି ଦୂରକୁ ଯାଇ ସ୍ତ୍ରୀଙ୍କୁ ଅପେକ୍ଷା କରିଥିଲେ। ଏହି ସମୟରେ ମାନିନୀ କାହା ସହ ଫୋନରେ କଥା ହୋଇ ଆସୁଥିଲେ। ଏଥିରେ ବାଦଲ ସନ୍ଦେହ କରିଥିଲେ। ଉତ୍କ୍ଷୀପ୍ତ ହୋଇ ମାନିନୀଙ୍କୁ ଏକ ଶକ୍ତ ଚାପୁଡ଼ା ମାରିଥିଲେ। ମାନିନୀ ତଳେ ପଡ଼ିଯିବାରୁ ଏକ ଓଢ଼ଣୀରେ ବାଦଲ ତାଙ୍କ ତଣ୍ଟିକୁ ଚିପି ଦେଇଥିଲେ। ଫଳରେ ଘଟଣାସ୍ଥଳରେ ମାନିନୀଙ୍କ ମୃତ୍ୟୁ ଘଟିଥିଲା। ମୃତଦେହକୁ ବାଦଲ ପାଖ କେନାଲ ନିକଟରେ ଥିବା ବୁଦା ଭିତରକୁ ଫିଙ୍ଗି ଦେଇଥିଲେ। ମୃତ୍ୟୁର ୩ ଦିନ ପରେ ମୃତଦେହ ପଡ଼ିଥିବା ଦେଖି ଗ୍ରାମବାସୀ ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ଶବ ଜବତ କରିବା ସହିତ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଜାରି ରଖିଥିଲା। କୌଣସି ଦୁର୍ବୃତ୍ତ ମାନିନୀଙ୍କୁ ଅପହରଣ ପରେ ହତ୍ୟା କରିଥିବା ନେଇ ବାଦଲ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ମାତ୍ର ପୋଲିସ ତଦନ୍ତ ଚଳାଇ ହତ୍ୟାକାରୀ ବାଦଲଙ୍କୁ ଗିରଫ ସହ ଘଟଣାର ପର୍ଦ୍ଦାଫାସ କରିବାରେ ସଫଳ ହୋଇଛି। ଗୁରୁବାର ଅଭିଯୁକ୍ତଙ୍କୁ ଘଟଣାସ୍ଥଳକୁ ନେଇ ପୋଲିସ କ୍ରାଇମ ରିକ୍ରିଏସନ କରିଥିବା ସୂଚନା ଦେଇଛି।

# ଆବାସ ଯୋଜନାରୁ ଯୋଗ୍ୟ ବଞ୍ଚିତ ନେଇ ପ୍ରତିବାଦ



କଂଗ୍ରେସ ନେତା ଓ କର୍ମୀ ଧାରଣାରେ ବସିଛନ୍ତି।

ବ୍ଲକ କାର୍ଯ୍ୟାଳୟ ଘେରିଲା କଂଗ୍ରେସ

ବାସୁଦେବପୁର, ୫।୮(ଡି.ଏନ.ଏ.)

ଭଦ୍ରକ ଜିଲା ବାସୁଦେବପୁର ବ୍ଲକରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଅନିୟମିତତା ଓ ଯୋଗ୍ୟ ହିତାଧିକାରୀ ଏଥିରୁ ବଞ୍ଚିତ ହେଉଥିବା ଅଭିଯୋଗ କରିଛି କଂଗ୍ରେସ। ଏହାର ପ୍ରତିବାଦରେ ବ୍ଲକ ଓ ନଗର କଂଗ୍ରେସ କମିଟି ପକ୍ଷରୁ ଗୁରୁବାର ବ୍ଲକ କାର୍ଯ୍ୟାଳୟ ଘେରାଉ କରାଯିବା ସହ ଧାରଣା ଦିଆଯାଇଛି। ଶତାଧିକ କର୍ମୀ ଓ ସମର୍ଥକ ଦଳୀୟ ଅଫିସ୍‌ଠାରୁ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରିଥିଲେ। ଏହି ଯୋଜନାରେ ଦୁର୍ନୀତି ଅଭିଯୋଗ ଆଣି ନିନ୍ଦା କରିବା ସହ ବ୍ଲକ କାର୍ଯ୍ୟାଳୟ ପରିସରରେ ଧାରଣାରେ ବସିଥିଲେ।

କଂଗ୍ରେସ ନେତା ଅଶୋକ ଦାସ, ନଗର କଂଗ୍ରେସ ସଭାପତି ଭକ୍ତ ରଞ୍ଜନ ପଟ୍ଟନାୟକ, ସରପଞ୍ଚ ତଥା ମହିଳା କଂଗ୍ରେସ ସଭାନେତ୍ରୀ ମଞ୍ଜୁଲତା ପଣ୍ଡା, ଜୋନ୍ ସଭାପତି ନିରଞ୍ଜନ ପଲେଇ, ପ୍ରଭାତ ବାରିକ, ସରପଞ୍ଚ ରଘୁନାଥ ମଳିକ, ପୂର୍ବତନ କାଉନସିଲର ତୋହିଦ ଖାଁ, ପ୍ରବୋଧ ଦାସ, ରତ୍ନାକର ମଳିକ ପ୍ରମୁଖ ଏଥିରେ ସାମିଲ ଥିଲେ। ଯୋଗ୍ୟଙ୍କୁ ଏହି ଯୋଜନାରେ ସାମିଲ କରି ଗୃହ ଯୋଗାଇ ଦେବାକୁ ଦାବି କରାଯାଇଥିଲା। ବିଡିଓ ପ୍ରଣବ କୁମାର ବେହେରା ଓ ତହସିଲଦାର ସୌମ୍ୟଶ୍ରୀ ପାଣିଗ୍ରାହୀ ଦାବିପତ୍ର ଗ୍ରହଣ କରିବା ପରେ ସେମାନେ ଧାରଣାରୁ ଉଠିଥିଲେ।

ଜନସଂଖ୍ୟା ସମାଧାନ ଫାଉଣ୍ଡେଶନ

# ରାଜ୍ୟ ମୁଖପାତ୍ର, ଜିଲା ପ୍ରବକ୍ତାଙ୍କ ନାମ ଘୋଷଣା

ବାଲେଶ୍ୱର ଅଫିସ, ୫।୮

ଜନସଂଖ୍ୟା ସମାଧାନ ଫାଉଣ୍ଡେଶନ ଓଡ଼ିଶା ପ୍ରଦେଶର ମୁଖପାତ୍ର ଓ ବିଭିନ୍ନ ଜିଲାର ପ୍ରବକ୍ତାଙ୍କ ନାମ ଘୋଷଣା କରାଯାଇଛି। ନୂଆପଡ଼ା ଜିଲାର ପରିଚିତ ଚେହେରା ତଥା ସଙ୍ଗଠନର ବରିଷ୍ଠ କାର୍ଯ୍ୟକର୍ତ୍ତା ଯଦୁମଣି ପାଣିଗ୍ରାହୀ, ଭୁବନେଶ୍ୱରର ଦିଲୀପ ସ୍ୱାଇଁ, ଜ୍ଞାନଞ୍ଜଳି ପରିଡ଼ା ଏବଂ ବାଲେଶ୍ୱର ଜିଲାର ମିହିର ପାଣି ମୁଖପାତ୍ର ଭାବେ ମନୋନୀତ ହୋଇଛନ୍ତି। ସେହିପରି ରାଜ୍ୟ ପ୍ରବକ୍ତା ଭାବରେ ଭୁବନେଶ୍ୱରର ସରୋଜ ସାହୁ ଓ ସିପ୍ରା ହୀରା, ବ୍ରହ୍ମପୁରରୁ ସୂର୍ଯ୍ୟନାରାୟଣ ଦାଶ, ରାୟଗଡ଼ାରୁ ଯୋଗେଶ ଦାସ, ରାଉରକେଲାରୁ ନୃସିଂହ ଚରଣ ଜେନା, ସମ୍ବଲପୁରରୁ ମିଳନ ମହାରଣା, ଅନୁଗୁଳରୁ ଅନିରୁଦ୍ଧ ଦାସ ଓ ଜଗନ୍ନାଥ ଗଡ଼ ନାୟକ ସିଂ ଏବଂ କଟକରୁ ବିଶିଷ୍ଟ ଶ୍ରମିକ ନେତା ବସନ୍ତ କୁମାର ସାହୁଙ୍କୁ ମନୋନୀତ କରାଯାଇଥିବା ସଙ୍ଗଠନର ରାଜ୍ୟ ସଭାପତି ବିପିନ ଦାସ ଗୁରୁବାର ଏକ ପ୍ରେସ ବିଜ୍ଞପ୍ତିରେ ଜଣାଇଛନ୍ତି।

# ଖୋଲିଲା ମଠ, ମନ୍ଦିର

ବାରିପଦା ଅଫିସ,୫।୮

ମୟୂରଭଞ୍ଜ ଜିଲାରେ ଥିବା ସମସ୍ତ ମଠ ମନ୍ଦିର ଗୁରୁବାରଠାରୁ ଖୋଲିଛି। ସାମାଜିକ ଦୂରତ୍ୱ ଓ ମାସ୍କ ପରିଧାନ କରି ଭକ୍ତମାନେ ଦିଅଁ ଦର୍ଶନ କରିଛନ୍ତି। ଠାକୁରଙ୍କ ନିକଟରେ କୌଣସି ଭୋଗ କିମ୍ବା ପ୍ରସାଦ ସେବନ ପାଇଁ କଟକଣା ଜାରି କରାଯାଇଛି । ତେବେ ଦୀର୍ଘ ଦିନ ବ୍ୟବଧାନ ପରେ ଦିଅଁ ଦର୍ଶନ କରିଥିବାରୁ ଶ୍ରଦ୍ଧାଳୁଙ୍କ ମଧରେ ଆନନ୍ଦର ଲହରୀ ଖେଳିଯାଇଛି। ଜିଲାପାଳ ବିନୀତ ଭରଦ୍ୱାଜଙ୍କ ନିର୍ଦ୍ଦେଶ ଅନୁଯାୟୀ ଗୁରୁବାର ବାରିପଦାସ୍ଥିତ ଶ୍ରୀ ଶ୍ରୀ ହରିବଳଦେବଜୀଉଙ୍କ ମନ୍ଦିର ଖୋଲିବାର ଥିଲା। ମାତ୍ର ଟାଉନ ଥାନା ପୋଲିସ ପହଞ୍ଚି ମନ୍ଦିରକୁ ବନ୍ଦ କରିଥିଲା। ସେବାୟତମାନେ ଏହାର ପ୍ରତିବାଦ କରିଥିଲେ। ଉପଜିଲାପାଳ ଅନ୍ୟା ଦାସଙ୍କ ସହ ଟାଉନ ପୋଲିସ ଆଲୋଚନା କରିବା ପରେ ମନ୍ଦିର ଖୋଲିଥିଲା।



ବାରିପଦା ଜଗନ୍ନାଥ ମନ୍ଦିରକୁ ଦିଅଁ ଦର୍ଶନ ପାଇଁ ଆସିଥିବା ଶ୍ରଦ୍ଧାଳୁ।

ନଦୀଶଯ୍ୟାରେ ଗୃହ ନିର୍ମାଣ ଘଟଣା

# ନୋଟିସ ଜାରି କଲା ଜିଲା ପ୍ରଶାସନ

ବାରିପଦା ଅଫିସ,୫।୮

ମୟୂରଭଞ୍ଜ ଜିଲା ବାରିପଦା ପୌର ପରିଷଦ ଅଧୀନରେ ଥିବା ଜରାଳୀ-ସରାଳୀ ନଦୀଶଯ୍ୟାରେ ବେଆଇନ ଗୃହ ନିର୍ମାଣ କରାଯାଉଥିବା ନେଇ ଅଭିଯୋଗ ହୋଇଥିଲା। ଏନେଇ ଜିଲା ପ୍ରଶାସନ ପକ୍ଷରୁ ଜବରଦଖଲକାରୀଙ୍କୁ ନୋଟିସ ଜାରି କରାଯାଇଛି। ଉପ ଜିଲାପାଳଙ୍କ କାର୍ଯ୍ୟାଳୟ ପତ୍ର ସଂଖ୍ୟା ସି.ଏମ୍.ସି. ନଂ.୨୬/୨୧ ଅନୁଯାୟୀ ବିବାଦୀୟ ଜମିରୁ ନିର୍ମାଣ ସାମଗ୍ରୀ ଉଠାଇ ନେବାକୁ ଦଖଲକାରୀଙ୍କୁ ୭ଦିନ ସମୟ ଦିଆଯାଇଛି। ପରବର୍ତ୍ତୀ ଆଦେଶ ପର୍ଯ୍ୟନ୍ତ ବିବାଦୀୟ ସ୍ଥାନରେ ଦଖଲକାରୀ କୌଣସି ନିର୍ମାଣ କାର୍ଯ୍ୟ ନ କରିବାକୁ ସୂଚାଇ ଦିଆଯାଇଛି। ତେବେ ଆସନ୍ତା ୧୨ତାରିଖରେ ଦଖଲକାରୀ ଉପଜିଲାପାଳଙ୍କ କୋର୍ଟରେ ଉପସ୍ଥିତ ରହି ନିଜର ପକ୍ଷ ରଖିବାକୁ ମଧ କୁହାଯାଇଛି। ସେହିପରି ପତ୍ର ସଂଖ୍ୟା ପି.ଆର. ୧୦/୪ ଅଗଷ୍ଟରେ ଟାଉନ ଥାନା ପୋଲିସ ଦଖଲକାରୀଙ୍କୁ କାରଣ ଦର୍ଶାଅ ନୋଟିସ ଦେଇ ତାର ପ୍ରତିଉତ୍ତର ସଂଗ୍ରହ କରି ଦାଖଲ କରିବା ପାଇଁ ଉପ ଜିଲାପାଳ ଆଇଆଇସିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଉଲ୍ଲେଖଯୋଗ୍ୟ, ନଦୀ ଶଯ୍ୟା ପଥର ପ୍ୟାକିଂକୁ ଭାଙ୍ଗି ବେଆଇନ ଗୃହ ନିର୍ମାଣ କାର୍ଯ୍ୟ ଚାଲିଥିବା ପ୍ରତିବାଦରେ ମଧୁବନ ସିନିଅର ସିଟିଜେନ ଫୋରମର ସଭାପତି ରଘୁନାଥ ପଣ୍ଡାଙ୍କ ସମେତ ସଦସ୍ୟମାନେ ଅଭିଯୋଗ କରିଥିଲେ। ଏହାକୁ ନେଇ ଜିଲାପାଳ ତଦନ୍ତ ନିର୍ଦ୍ଦେଶ ଦେଇଥିଲେ।

# ବୌଦ୍ଧବିହାର ଉନ୍ନତି ଲାଗି ପ୍ରତିଶ୍ରୁତି

ଭଣ୍ଡାରିପୋଖରୀ, ୫।୮(ଡି.ଏନ.ଏ.)

ଭାଜପା ରାଜ୍ୟ ସଭାପତି ସମୀର ମହାନ୍ତି ଭଦ୍ରକ ଜିଲା ଗସ୍ତ ଅବସରରେ ଭଣ୍ଡାରିପୋଖରୀ ବ୍ଲକ ଷୋଳମପୁର ବୌଦ୍ଧବିହାର ପରିଦର୍ଶନ କରିଥିଲେ। ଏହାର ଆନୁସଙ୍ଗିକ ବିକାଶ, ପୁନରୁଦ୍ଧାର, ମୂର୍ତ୍ତି ସଂରକ୍ଷଣ ସମେତ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ କରିବାକୁ ସେ ପ୍ରତିଶ୍ରୁତି ଦେଇଛନ୍ତି। ଷୋଳମପୁର ବୌଦ୍ଧବିହାରକୁ ସମଗ୍ର ଭାରତ ବର୍ଷରେ ଏକ ସ୍ୱତନ୍ତ୍ର ପର୍ଯ୍ୟଟନ ସ୍ଥଳୀ ଭାବେ ବିବେଚିତ କରିବାକୁ କେନ୍ଦ୍ର ସରକାରଙ୍କଠାରେ ଦାବି ରଖିବେ ବୋଲି ମଧ ସେ କହିଥିଲେ। ଭାଜପା ରାଜ୍ୟ ସମ୍ପାଦକ କାଳନ୍ଦୀ ସାମଲ, ଭଣ୍ଡାରିପୋଖରୀ ଭାଜପା ନେତା ବଦ୍ରିନାରାୟଣ ଧଳ, ବ୍ଲକ ଉପାଧକ୍ଷ ସତ୍ୟବ୍ରତ ଦାସ, ପୂର୍ବତନ ସରପଞ୍ଚ ମୁକୁନ୍ଦ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ। ସ୍ଥାନୀୟ ଗବେଷକ ବିଶ୍ୱମ୍ଭର ରାଉତ ଷୋଳମପୁରର ବିଭିନ୍ନ ଐତିହ୍ୟ ଉପରେ ଆଲୋଚନା କରିଥିଲେ। ବୌଦ୍ଧବିହାର ବିକାଶ ପାଇଁ ସଂସ୍କୃତି ବିଭାଗ ପକ୍ଷରୁ ବ୍ଲୁପ୍ରିଣ୍ଟ ପ୍ରସ୍ତୁତ ହେଉଛି। ଏ ନେଇ କେନ୍ଦ୍ର ପର୍ଯ୍ୟଟନ ମନ୍ତ୍ରୀଙ୍କ ସହ ଶୁକ୍ରବାର ଆଲୋଚନା ହେବ। ନିକଟରେ ବୌଦ୍ଧବିହାର ପରିଦର୍ଶନରେ ଆସିବେ ବୋଲି ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ଟୁଇଟ୍ କରି ସୂଚନା ଦେଇଛନ୍ତି।

# 'ଲୋକାଭିମୁଖୀ କାର୍ଯ୍ୟ ୱାର୍ଡ଼ସ୍ତରରେ ପହଞ୍ଚାଅ'

ବାଲେଶ୍ୱର ଅଫିସ, ୫।୮

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ୫ ଅଗଷ୍ଟରୁ ୧୦ଅଗଷ୍ଟ ପର୍ଯ୍ୟନ୍ତ ରାଜ୍ୟବ୍ୟାପୀ ଛାତ୍ର ଜନତା ଦଳ କର୍ମକର୍ତ୍ତାଙ୍କ ବୈଠକ ଅନୁଷ୍ଠିତ ହେଉଛି। ଗୁରୁବାର ବାଲେଶ୍ୱର ବିଜୁ ଛାତ୍ର ଜନତା ଦଳ ସଭାପତି ସିମନ ଦାସ ମହାପାତ୍ରଙ୍କ ନେତୃତ୍ୱରେ ଜିଲା କାର୍ଯ୍ୟାଳୟରେ ଏକ ଜିଲାସ୍ତରୀୟ କର୍ମକର୍ତ୍ତା, ବ୍ଲକ ସଭାପତି ଏବଂ ମ୍ୟୁନିସିପାଲିଟି ସଭାପତି, ଡିଜିଟାଲ ସେକ୍ରେଟାରୀମାନଙ୍କର ବୈଠକ ଅନୁଷ୍ଠିତ ହୋଇଥିଲା। ଜିଲା ବିଜେଡି ସଭାପତି ତଥା ପୂର୍ବତନ ଏମ୍‌ପି ଇଂ. ରବୀନ୍ଦ୍ର କୁମାର ଜେନା ମୁଖ୍ୟଅତିଥି ଭାବେ ଯୋଗଦେଇ ଛାତ୍ରନେତାମାନେ କିଭଳି ମୁଖ୍ୟମନ୍ତ୍ରୀଙ୍କ ଲୋକାଭିମୁଖୀ କାର୍ଯ୍ୟକୁ ପଞ୍ଚାୟତ ଏବଂ ୱାର୍ଡ଼ସ୍ତରରେ ପହଞ୍ଚାଇବେ ସେ ବିଷୟରେ ବୁଝାଇଥିଲେ। ସେହିପରି ରାଜ୍ୟ ସାଧାରଣ ସମ୍ପାଦକ ତଥା ବାଲେଶ୍ୱର ଜିଲା ଛାତ୍ର ପର୍ଯ୍ୟବେକ୍ଷକ ସମ୍ବିତ ବେହେରା ଉଦ୍‌ବୋଧନ ଦେବା ସହ ମୁଖ୍ୟମନ୍ତ୍ରୀଙ୍କ ଉପରେ ଲିଖିତ ଯୁଗରନଟ ପୁସ୍ତକ ଏବଂ ବିଜୁ ବାବୁଙ୍କ ଉପରେ ପ୍ରସ୍ତୁତ ଦା ଟଲମେନ ପୁସ୍ତକ ଛାତ୍ରନେତାମାନଙ୍କୁ ପ୍ରଦାନ କରିଥିଲେ।




ବୈଠକରେ ଉପସ୍ଥିତ ଜିଲା ବିଜେଡି ସଭାପତି ରବୀନ୍ଦ୍ର କୁମାର ଜେନା ଓ ଅନ୍ୟମାନେ।

# ତାରିଣୀ ପୀଠରେ ଚାରାରୋପଣ

ଘଟଗାଁ, ୫।୮(ଡି.ଏନ.ଏ.)

କେନ୍ଦୁଝର ଜିଲା ଅଧିଷ୍ଠାତ୍ରୀ ଦେବୀ ମା' ତାରିଣୀ ପୀଠରୁ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ବୃକ୍ଷରୋପଣ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଛନ୍ତି। ସେ ଏହି ଅବସରରେ କେନ୍ଦୁଝରକୁ ସବୁଜ ସୁନ୍ଦର କରିବାକୁ ସଙ୍କଳ୍ପ ନେଇଥିଲେ। ଏହି ଅବସରରେ ସେ କହିଥିଲେ ଯେ, ପୂର୍ବରୁ ଶାଳ ଜଙ୍ଗଲ ପାଇଁ କେନ୍ଦୁଝର ବେଶ୍ ଚର୍ଚ୍ଚାରେ ରହିଥିଲା। କିନ୍ତୁ ଏବେ ସବୁ ଜଙ୍ଗଲ ପଦା ହୋଇଗଲାଣି। ଏଣୁ ଚଳିତବର୍ଷ ୧୦ହଜାର ଓ ଆସନ୍ତାବର୍ଷ ୧ଲକ୍ଷ ବୃକ୍ଷରୋପଣ କରିବେ ବୋଲି ସେ ନିଷ୍ପତ୍ତି ନେଇଛନ୍ତି। ଆସନ୍ତାକାଲିଠାରୁ ସେ ଜିଲା ସାରା ବୁଲି ଚାରା ବଣ୍ଟନ କରିବାସହିତ ସମସ୍ତଙ୍କୁ ବୃକ୍ଷରୋପଣ ପାଇଁ ନିବେଦନ କରିବେ ବୋଲି କହିଛନ୍ତି। ନିଜେ ପିସିସି ସଭାପତି ମା' ତାରିଣୀଙ୍କୁ ସ୍ମରଣ କରି ଏ କ ଗଛ ଲଗାଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ମନ୍ଦିର ପରିଚାଳନା ବୋର୍ଡ ତରଫରୁ ସବୁପ୍ରକାର ସହାୟତା ଯୋଗାଇ ଦିଆଯାଇଥିଲା।

# 'ଦିଅଁ ଦର୍ଶନ ପାଇଁ ମିଳୁ ଅନୁମତି'




ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ହିନ୍ଦୁ ଜାଗରଣ ମଞ୍ଚ ସଦସ୍ୟ ଓ ସେବାୟତ।

ଭଦ୍ରକ ଅଫିସ,୫।୮

କରୋନା ମହାମାରୀ ପାଇଁ ସବୁଠି ଲକ୍‌ଡାଉନ ଯୋଗୁ ମନ୍ଦିରରେ ପୂଜାର୍ଚ୍ଚନା ବନ୍ଦ ରହିବା ସହ ଶ୍ରଦ୍ଧାଳୁଙ୍କୁ ଦର୍ଶନ ମନା ଥିଲା। ସାଧାରଣ ହିତରେ ଜାରି ଏହି ଲକ୍‌ଡାଉନ ଓ ସରକାରୀ କଟକଣାକୁ ସମସ୍ତ ଶ୍ରଦ୍ଧାଳୁ ମାନି ଆସିଥିଲେ। କିନ୍ତୁ ଏହାମଧରେ ଚଳିତ ମାସଠାରୁ କଟକଣାକୁ ବହୁମାତ୍ରାରେ କୋହଳ କରାଯାଇଛି। ଏହାବ୍ୟତୀତ ସ୍ଥିତିକୁ ଦେଖି ଜିଲାପାଳ ଆବଶ୍ୟକ ନିଷ୍ପତ୍ତି ନେବାକୁ ରାଜ୍ୟ ସରକାର କ୍ଷମତା ପ୍ରଦାନ କରିଛନ୍ତି। ଏହି ପରିପ୍ରେକ୍ଷୀରେ ମନ୍ଦିରରେ ପୂଜାର୍ଚ୍ଚନା ସହ ଦିଅଁ ଦର୍ଶନ ପାଇଁ ଅନୁମତି ଦେବାକୁ ବହୁ ପୂଜକଙ୍କ ସମେତ ହିନ୍ଦୁ ଜାଗରଣ ମଞ୍ଚ ପକ୍ଷରୁ ଦାବି ହୋଇଛି। ଏନେଇ ଗୁରୁବାର ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି।

ମଞ୍ଚର ସଭାପତି ସୁବୋଧ କୁମାର ସାହୁଙ୍କ ସମେତ ବିଭାଗ ସଂଯୋଜକ ପ୍ରେମାନନ୍ଦ ବେହେରା, ନଗର ସଂଯୋଜକ ମନୋରଞ୍ଜନ ନାୟକ, ସହସଂଯୋଜକ ବିଜୟ କୁମାର ଜେନା ଓ ପୂଜକ ରସିକ ଶିରୋମଣି ଦୀକ୍ଷିତ ଜିଲାପାଳଙ୍କୁ ଏ ସମ୍ପର୍କରେ ଲିଖିତ ଅନୁରୋଧ କରିଛନ୍ତି। ଗତ ଦୁଇବର୍ଷ ଧରି କରୋନା କଟକଣା ପାଇଁ ମନ୍ଦିର ବନ୍ଦ ରହିଛି। ଫଳରେ କୌଣସି ଶ୍ରଦ୍ଧାଳୁ ଦେବାଳୟକୁ ଆସୁନାହାନ୍ତି। ଶ୍ରଦ୍ଧାଳୁମାନେ ଦେବପୂଜା ସହ ପୂଜକମାନଙ୍କୁ ଦକ୍ଷିଣା ଦେଇଥାନ୍ତି। ସେମାନଙ୍କ ଦାନ ଦକ୍ଷିଣାରେ ପୂଜକମାନଙ୍କ ପରିବାର ପ୍ରତିପୋଷଣ ହୋଇଥାଏ। ଏଣୁ ତୁରନ୍ତ ଏଥିପ୍ରତି ଧ୍ୟାନ ଦେବାକୁ ଦାବି କରାଯାଇଛି।

## ହାଇୱାରେ ଲାଗିଲା ନିଆଁ

ଯୋଡ଼ା,(ଡି.ଏନ.ଏ.): କେନ୍ଦୁଝର ଜିଲା ଯୋଡ଼ା ସ୍ଥିତ ବାଂଶପାଣି ଓଭରବ୍ରିଜ ନିକଟରେ ଗୁରୁବାର ପୂର୍ବାହ୍ନରେ ଏକ ହାଇୱା ଓଲଟି ପଡ଼ି ସେଥିରେ ନିଆଁ ଲାଗିଯାଇଥିଲା। ଅଗ୍ନିଶମ ବିଭାଗ କର୍ମଚାରୀମାନେ ପହଞ୍ଚି ନିଆଁ ଲିଭାଇଥିଲେ। ହାଇୱାର ସମ୍ମୁଖ ଭାଗ ଓ ଚକା ଜଳିଯାଇଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ, ଖଣିଜ ଲୋଡିଂ ପାଇଁ ଯିବା ସମୟରେ ହାଇୱାଟି ରାସ୍ତା କଡ଼ରେ ଛିଡ଼ା ହୋଇଥିଲା। ଚାଳକ ଓ ହେଲପର କେହି ନ ଥିବା ବେଳେ ହଠାତ୍ ଗାଡ଼ିଟି ପଛକୁ ଗଡ଼ିଯାଇ ଏକ ଖାଲରେ ପଡ଼ି ଓଲଟି ପଡ଼ିଥିଲା। ଏହି ସମୟରେ ସେଥିରେ ନିଆଁ ଲାଗିଯାଇଥିଲା।

## ସଂକ୍ଷେପରେ

### ଯୁବକଙ୍କୁ ହତ୍ୟା ଘଟଣା, ଜଣେ କୋର୍ଟ ଚାଲାଣ

ସୋର, ୫।୮(ଡି.ଏନ୍.ଏ.)-ବାଲେଶ୍ୱର ଜିଲା ସୋର ଥାନା ଅଧୀନ ଚକବାରାହାପୁର ଗ୍ରାମର ଜଗତଜିତ୍ ପଣ୍ଡା(୨୨)ଙ୍କୁ ହତ୍ୟା ଘଟଣାରେ ପୋଲିସ ଜଣେ ଯୁବକଙ୍କୁ ଗୁରୁବାର ଗିରଫ କରି କୋର୍ଟଚାଲାଣ କରିଛି। ଗତ ୩୧ତାରିଖରେ ତୁଣ୍ଡପଡା ଗ୍ରାମର ଗାଙ୍ଗୁ ସାମଲ ମୋଟରସାଇକେଲରେ ବସାଇ ଜଗତଜିତ୍‌ଙ୍କୁ ଘରୁ ନେଇ ଆସିଥିଲେ। ପରଦିନ ବିଳମ୍ବିତ ରାତିରେ ତେଲିଆଗଞ୍ଜ ଛକରେ ଜଗତଜିତ୍ ଗୁରୁତର ହୋଇପଡିଥିବା ବେଳେ ତାଙ୍କର କେତେଜଣ ସାଙ୍ଗ ସୋର ଡାକ୍ତରଖାନାକୁ ଆମ୍ବୁଲାନ୍ସରେ ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତଦେହକୁ ଛାଡିବାକୁ ଆସିଥିବା ଦୁଇ ସାଙ୍ଗ ସେଠାରୁ ପଳାଇଯାଇଥିଲେ। ତେଲିଆଗଞ୍ଜର ବାଦଲ ବାରିକ ପୂର୍ବଶତ୍ରୁତାକୁ କେନ୍ଦ୍ର କରି ମାରି ଦେଇଥିବା ଜଗତଜିତ୍‌ଙ୍କ ମା' ସୁନୀତା ସୋର ଥାନାରେ ଅଭିଯୋଗ କରିଥିଲେ। ଏହି ଘଟଣାରେ ପୋଲିସ ୨ ଜଣଙ୍କୁ ଅଟକ ରଖି ତଦନ୍ତ ଆରମ୍ଭ କରିଥିଲା। ବାଦଲ ବାରିକଙ୍କ ବିରୋଧରେ ପୋଲିସ ଏକ ମାମଲା(ନଂ.୨୯୧/୨୧) ରୁଜୁ କରି ଗିରଫ କରିବା ପରେ ଗୁରୁବାର କୋର୍ଟଚାଲାଣ କରିଛି। ବ୍ରାଉନସୁଗାର କାରବାର ସମ୍ପୃକ୍ତିରୁ ଏହି ହତ୍ୟାକାଣ୍ଡ ଘଟିଥିବା ସାଧାରଣରେ ଚର୍ଚ୍ଚା ହେଉଛି।

### ଗାଧୋଇବାକୁ ଯାଇ ଜୀବନ ଗଲା

ପାଟଣା,୫।୮(ସ୍ୱ.ପ୍ର.)
କେନ୍ଦୁଝର ଜିଲା ପାଟଣା ବ୍ଲକ ଅଶନ ବାହାଲୀ ଗ୍ରାମ ପୋଖରୀକୁ ଗୁରୁବାର ଅପରାହ୍ନରେ ଗାଧୋଇବାକୁ ଯାଇ ବୁଡ଼ିଯିବାରୁ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ପଦର ମୁଣ୍ଡା। ସୂଚନା ଅନୁଯାୟୀ, ସେ ବିଲରେ କାମ କରି ସାରି ଘର ନିକଟରେ ଥିବା ଉକ୍ତ ପୋଖରୀକୁ ଗାଧୋଇବା ଯାଇଥିବା ବେଳେ ପାଦ ଖସିବାରୁ ପୋଖରୀରେ ବୁଡ଼ି ଯାଇଥିଲେ। ପରିବାର ଲୋକେ ସ୍ଥାନୀୟ ଲୋକଙ୍କ ସହାୟତାରେ ତାଙ୍କୁ ପୋଖରୀରୁ ଉଦ୍ଧାର କରି ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ପାଟଣା ଥାନାରେ ଅପମୃତ୍ୟୁ ମାମଲା (ନଂ.୨୨/୨୧) ରୁଜୁ ହୋଇଛି।

### ନଈରୁ ଯୁବକଙ୍କ ମୃତଦେହ ଜବତ

ବାଲେଶ୍ୱର ଅଫିସ, ୫।୮-ବାଲେଶ୍ୱର ଜିଲା ଚାନ୍ଦିପୁର ଥାନା ପୋଲିସ ନୂଆସଡ଼କ ଛକ ନିକଟସ୍ଥ ନଈରୁ ଗୁରୁବାର ଏକ ଅଜଣା ଯୁବକଙ୍କ ମୃତଦେହ ଜବତ କରିଛି। ମୃତଦେହ ନଈରେ ଭାସୁଥିବା ଲୋକେ ଦେଖି ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହାୟତାରେ ନଈରୁ ମୃତଦେହକୁ ବାହାର କରି ବ୍ୟବଚ୍ଛେଦ ନିମନ୍ତେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି। କେମିତି ଓ କେଉଁ ପରିସ୍ଥିତିରେ ଯୁବକଙ୍କ ମୃତ୍ୟୁ ହୋଇଛି, ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ. ୧୪/୨୧) ରୁଜୁ କରାଯାଇ ତଦନ୍ତ ଆରମ୍ଭ ହୋଇଛି।

### ସାପ କାମୁଡ଼ାରେ ବୃଦ୍ଧାଙ୍କ ମୃତ୍ୟୁ

ବାରିପଦା ଅଫିସ,୫।୮- ମୟୂରଭଞ୍ଜ ଜିଲା ବଡ଼ସାହି ଥାନା ଅଧୀନ କେନ୍ଦୁଡ଼ିହା ପଞ୍ଚାୟତ ହଳଦୀପଦା ଗ୍ରାମର ଜଣେ ବୃଦ୍ଧା ସାପ କାମୁଡ଼ାରେ ପ୍ରାଣ ହରାଇଛନ୍ତି। ସେ ହେଲେ ଦ୍ରୌପଦୀ ବେହେରା(୬୧)। ଏ ସଂକ୍ରାନ୍ତରେ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିବା ସହ ଶବ ବ୍ୟବଚ୍ଛେଦ କରି ପରିବାରବର୍ଗଙ୍କୁ ହସ୍ତାନ୍ତର କରିଛି। ଗୁରୁବାର ସକାଳେ ଦ୍ରୌପଦୀ ଘରବାଡ଼ିକୁ ଯାଇଥିବାବେଳେ ଏକ ବିଷଧର ସାପ ତାଙ୍କୁ କାମୁଡ଼ି ଦେଇଥିଲା । ପରିବାର ଲୋକେ ତାଙ୍କୁ ସଙ୍ଗେ ସଙ୍ଗେ ବଡ଼ସାହି ଡାକ୍ତରଖାନାରେ ଭର୍ତ୍ତି କରିଥିଲେ ହେଁ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ।

### ପୋଖରୀରୁ ଯୁବକଙ୍କ ମୃତଦେହ ଜବତ

ଯୋଡ଼ା,୫।୮(ଡି.ଏନ.ଏ.)
କେନ୍ଦୁଝର ଜିଲା ବାମେବାରୀ ଥାନା ଅନ୍ତର୍ଗତ ଗୁରୁଡ଼ା ଗ୍ରାମ ନିକଟରେ ଥିବା ପୋଖରୀରୁ ବୁଧବାର ପୋଲିସ ଜଣେ ଯୁବକଙ୍କ ମୃତଦେହ ଜବତ କରିଛି। ମୃତକ ହେଲେ ମୁରଲୀ ନାଏକ(୩୭)। ସେ ଦୁଇ ଦିନ ହେଲା ଘରୁ ନିଖୋଜ ଥିଲେ। ବୁଧବାର ନିକଟସ୍ଥ ପୋଖରୀରେ ତାଙ୍କ ମୃତଦେହ ଭାସୁଥିବା ଦେଖି ସ୍ଥାନୀୟ ଲୋକେ ପୋଲିସକୁ ଖବର ଦେଇଥିଲେ। ପୋଲିସ ଏକ ଅପମୃତ୍ୟୁ ମାମଲା(ନଂ.୧୯/୨୧) ରୁଜୁ କରି ତଦନ୍ତ ଚଳାଇଥିବା ଥାନା ଓଆଇସି ଅମିତ ଭୂୟାଁ ସୂଚନା ଦେଇଛନ୍ତି।

# ସେନାରେ ଭର୍ତ୍ତି ପାଇଁ ତାଲିମ ଦେଉଛନ୍ତି ଯବାନ

ଖଇରା, ୫।୮(ଡି.ଏନ.ଏ.)

ସେନାରେ ଭର୍ତ୍ତି ପାଇଁ ବହୁ ଯୁବତୀଯୁବକ ଆଗ୍ରହୀ ଥିଲେ ମଧ୍ୟ ଆବଶ୍ୟକ ତାଲିମ ଅଭାବରୁ ସେମାନେ ନିଯୁକ୍ତିରୁ ବଞ୍ଚିତ ହେଉଛନ୍ତି। ଆଖପାଖରେ ସେଭଳି ତାଲିମ ପ୍ରତିଷ୍ଠାନ ନ ଥିବାରୁ ବାରମ୍ବାର ସୁଯୋଗ ହାତଛଡା ହେଉଛି । କେବଳ ସାକ୍ଷାତ୍‌କାର ପୂର୍ବର କିଛି ସମୟକୁ ଛାଡି ଦେଲେ ଅନ୍ୟ ସମୟତକ ଶାରିରୀକ ବ୍ୟାୟାମ କୌଶଳ ବିଷୟରେ ପରାମର୍ଶ ପାଇଁ କୌଣସି ସୁଯୋଗ ନାହିଁ । ହେଲେ ନିଯୁକ୍ତିରୁ ବଞ୍ଚିତ ରହୁଥିବା ଏବଂ ସେନାବାହିନୀରେ କାର୍ଯ୍ୟ କରିବାକୁ ଆଗ୍ରହୀ ଥିବା ଖଇରା ଅଞ୍ଚଳର ଯୁବତୀଯୁବକଙ୍କ ପାଇଁ ଅଣ୍ଟା ଭିଡିଛନ୍ତି ଖଇରା ଅଞ୍ଚଳରୁ ସେନା ତଥା କେନ୍ଦ୍ରୀୟ ସୁରକ୍ଷାବଳରେ କାର୍ଯ୍ୟରତ କେତେଜଣ ଯବାନ।


ଯବାନମାନେ ଯୁବତୀଯୁବକମାନଙ୍କୁ ତାଲିମ ପ୍ରଦାନ କରୁଛନ୍ତି ।

ସିଆରପିଏଫ ମୟୂର କୁମାର ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପ୍ରଥମେ ଆର୍ମିରେ କାର୍ଯ୍ୟରତ ଅମୂଲ୍ୟ ରଞ୍ଜନ ବିନ୍ଧାଣୀ ଓ ବିଜୟ କୁମାର ପ୍ରଧାନ ପ୍ରମୁଖ ପିଲାମାନଙ୍କୁ ମାସ ପୂର୍ବରୁ ଏହି ତାଲିମ ପ୍ରକ୍ରିୟା ଆରମ୍ଭ କରିଥିଲେ । ଏବେ ସେମାନଙ୍କ ସହ କେଶବ ନନ୍ଦ, ବିଜୟ ନାୟକ, ଶରତ କୁମାର ଶିଅଳ, ଚିତ୍ତରଞ୍ଜନ ଲେଙ୍କା, ଗୋପାଳ ମହାରଣା, ମନୋଜ ସ୍ୱାଇଁ, ଦୀପକ ସୂତାର, ନିର୍ମଳ ଜେନା, ଜୟନ୍ତ ପ୍ରଧାନ, ରୂପକ ମିଶ୍ର, ସୂର୍ଯ୍ୟ ପ୍ରକାଶ ସ୍ୱାଇଁ ପ୍ରମୁଖ ଯୋଡି ହୋଇଛନ୍ତି। ନୟାଖଣ୍ଡି ସ୍କୁଲ ପଡିଆରେ ପାଖାପାଖି ୭୦ପୁଅ ଓ ୬ଜଣ ଝିଅକୁ ଏହି ତାଲିମ ପ୍ରଦାନ କରାଯାଉଛି। କେବଳ ଶାରୀରିକ ନୁହେଁ ଲେଖା ପରୀକ୍ଷା ପାଇଁ ମଧ୍ୟ ପ୍ରସ୍ତୁତ କରାଯାଉଛି। ସେମାନଙ୍କଠାରୁ ତାଲିମ ନେଉଥିବା ପିଲାମାନେ କିଭଳି ଅଧିକରୁ ଅଧିକ କୃତକାର୍ଯ୍ୟ ହେବେ ସେ ଏହାକୁ ପ୍ରାଧାନ୍ୟ ଦେଉଛନ୍ତି । ସଙ୍ଗଠନରେ ସାମିଲ ହୋଇଥିବା ଏହି ଯବାନମାନେ ରୋଟେଶନ ପ୍ରକ୍ରିୟାରେ ଛୁଟି ନେଇ ଏହି ତାଲିମରେ ନିଜକୁ ସାମିଲ କରୁଛନ୍ତି। ଯବାନଙ୍କ ସେବା ମଧ୍ୟ ସେତିକିରେ ସୀମିତ ନାହିଁ । ଯଦି କୌଣସି ଯୁବତୀ ବା ଯୁବକ ଆର୍ଥିକ ଦୁରବସ୍ଥା ପାଇଁ ଆବେଦନ କରିବାକୁ ଅକ୍ଷମ ଥାନ୍ତି ତେବେ ସେ ଅର୍ଥ ମଧ୍ୟ ସଙ୍ଗଠନ ବହନ କରିବାକୁ ପ୍ରସ୍ତୁତ ବୋଲି ସଙ୍ଗଠନ ସଭାପତି ମୟୂର କୁମାର ଦାସ କହିଛନ୍ତି ।

## ଗୁଳିମାଡ଼ କରି ଲୁଟ୍ ଘଟଣା: ମାଷ୍ଟରମାଇଣ୍ଡ ସମେତ ୨ ଗିରଫ

ଭଦ୍ରକ ଅଫିସ, ୫।୮

ଭଦ୍ରକ ଗ୍ରାମାଞ୍ଚଳ ଥାନା ହରିପୁର ଗ୍ରାମରେ ଗତ ୩ ତାରିଖ ରାତିରେ ଗୁଳିମାଡ଼ କରି ଲୁଟ୍ ଘଟଣାରେ ପୋଲିସ ଗୁରୁବାର ମାଷ୍ଟରମାଇଣ୍ଡ ସମେତ ୨ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଉକ୍ତ ଗାଁର ସଂଗ୍ରାମ କୁମାର ଦାସ ଓ ଖୋର୍ଦ୍ଧା ଜିଲା ବାଲିପାଟଣା ଥାନା ଅଧୀନ ଭେଙ୍କଟରାଇପୁର ଗାଁର ପ୍ରସାଦ ଖୁଣ୍ଟିଆ । ସେମାନଙ୍କଠାରୁ ଲୁଟ୍ ସୁନାଚେନ, ମୁଦି ସହ ଅଫୁଟା ଗୁଳି ଓ କ୍ୟାଟରିଜ୍, ସିମୁଳିଆ ଅଞ୍ଚଳରୁ ଚୋରି ହୋଇଥିବା ଏକ ବାଇକ୍ ଜବତ କରାଯାଇଛି। ଅନ୍ୟ ଦୁଇ ଫେରାର ଅଭିଯୁକ୍ତଙ୍କୁ ଧରିବା ପାଇଁ ପୋଲିସ ତଦନ୍ତ ଚଳାଇଛି।

ଥାନାଧିକାରୀ ଆଲୋକ କୁମାର ଜେନାଙ୍କ ସୂଚନା ଅନୁଯାୟୀ, ହରିପୁର ଗାଁର ସଂଗ୍ରାମ ଏହି କାଣ୍ଡ ଘଟାଇବା ପାଇଁ ବାହାରୁ ୩ ସହଯୋଗୀଙ୍କୁ ଡକାଇଥିଲେ । ଗୁଳି କରି ୩ ସହଯୋଗୀ ଫେରାର ହେବା ପାଇଁ ଉଦ୍ୟମ କରୁଥିବା ବେଳେ ପ୍ରସାଦ ଗାଁ ଲୋକଙ୍କ ହାବୁଡ଼ରେ ପଡ଼ି ଯାଇଥିଲେ । ସେମାନେ ତାଙ୍କୁ ପୋଲିସ ଜିମା ଦେଇଥିଲେ। ପ୍ରସାଦଙ୍କୁ ଜେରା ପରେ ସଂଗ୍ରାମ ହିଁ ଏହି ଯୋଜନାର ମାଷ୍ଟରମାଇଣ୍ଡ ବୋଲି ଜଣାପଡ଼ିଥିଲା । ସଂଗ୍ରାମ ୨୦୧୫ରେ ଧାମନଗର ଅଞ୍ଚଳରେ ଏକ ଲୁଟ୍ ଓ ଅପହରଣ ମାମଲାରେ ଧରା ପଡ଼ିଥିଲେ ବୋଲି ପୋଲିସ ଜାଣିବାକୁ ପାଇଛି।

## ମାର୍କ ନେଇ ଛାତ୍ରୀଛାତ୍ରଙ୍କ ଅସନ୍ତୋଷ


ବିଦ୍ୟାଳୟ ଫାଟକ ସମ୍ମୁଖରେ ଛାତ୍ରୀଛାତ୍ର ଓ ଅଭିଭାବକଙ୍କ ବିକ୍ଷୋଭ।

ବାଲେଶ୍ୱର ଅଫିସ, ୫।୮

### ବିଦ୍ୟାଳୟ ଫାଟକ ସମ୍ମୁଖରେ ବିକ୍ଷୋଭ

ବାଲେଶ୍ୱର ଜିଲା ଚାନ୍ଦିପୁରସ୍ଥିତ ସେଣ୍ଟ ଜାଭିୟର ସ୍କୁଲର ସିବିଏସ୍‌ଇ ମାଟ୍ରିକ ପରୀକ୍ଷା ଫଳ ବାହାରିବା ପରେ ବହୁ ଛାତ୍ରୀଛାତ୍ରଙ୍କ ନମ୍ବର କମ୍ ରହିଥିଲା । ଏହାର ପ୍ରତିବାଦରେ ଗୁରୁବାର ଛାତ୍ରୀଛାତ୍ର ଓ ସେମାନଙ୍କ ଅଭିଭାବକମାନେ ବିଦ୍ୟାଳୟ ଫାଟକ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି।

ପୂର୍ବ ପରୀକ୍ଷାରେ ଭଲ ନମ୍ବର ରଖିଥିବା ଛାତ୍ରୀଛାତ୍ରଙ୍କୁ ବୋର୍ଡ଼ ପରୀକ୍ଷାରେ କମ୍ ମାର୍କ ମିଳିଛି। ଗଣିତ ଓ ବିଜ୍ଞାନରେ ୯୦ପ୍ରତିଶତ ରଖିଥିବା ଛାତ୍ରୀଛାତ୍ରଙ୍କୁ ୩୦ପ୍ରତିଶତ ମାର୍କ ଦିଆଯାଇଛି। କାହିଁକି ମାର୍କ କମିଲା, କେଉଁ ଆଧାରରେ ମାର୍କ କରାଯାଇଛି, ଏନେଇ ଛାତ୍ରୀଛାତ୍ର ପ୍ରଶ୍ନ ଉଠାଇ ଫାଟକ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଅନ୍ୟପଟେ ବିଦ୍ୟାଳୟ ଅଧ୍ୟକ୍ଷ ନିଗମାନନ୍ଦ ଆଚାର୍ଯ୍ୟ ଅଭିଭାବକ ଓ ଛାତ୍ରୀଛାତ୍ରଙ୍କ ସହ ଆଲୋଚନା କରିଥିଲେ। ସିବିଏସ୍‌ଇର ଫଳାଫଳ ଯେଉଁମାନେ ଭଲ କରିନାହାନ୍ତି ସେମାନେ ପୁନଶ୍ଚ ସିବିଏସ୍‌ଇ ପାଠ୍ୟକ୍ରମ ଖସଡ଼ା ଅନୁସାରେ ଆଉଥରେ ପରୀକ୍ଷା ଦେଇ ନିଜର ମାର୍କ ବଢ଼ାଇପାରିବେ ବୋଲି କହିଥିଲେ। ପରେ ବିକ୍ଷୋଭକାରୀମାନେ ବିଦ୍ୟାଳୟ କ୍ୟାମ୍ପସ୍ ଛାଡ଼ି ପଳାଇଥିଲେ।

## ହାତୀପଲଙ୍କ ଉପଦ୍ରବ

ପାଟଣା, ୫।୮(ସ୍ୱ. ପ୍ର.)

କେନ୍ଦୁଝର ଜିଲା ପାଟଣା ରେଞ୍ଜ ସାହାରପଡ଼ା ସେକ୍ସନକୁ ୧୦ ଟିକିଆ ହାତୀପଲ ବୁଧବାର ବିଳମ୍ବିତ ରାତିରେ ଆସି ପଶି ଆସିଛନ୍ତି। ମୟୂରଭଞ୍ଜ ଜିଲା ଠାକୁରମୁଣ୍ଡା ରେଞ୍ଜରୁ ହାତୀପଲ ବନବୀର ନିକଟରେ ତେଲ ନଦୀ ପାର ହୋଇ ଚାଲି ଆସିଥିବା ଜଣାପଡ଼ିଛି। ଏହି ହାତୀପଲଙ୍କ ଉପଦ୍ରବରେ ପାଟଣା ରେଞ୍ଜର ବନବୀର, କୁଦାବେଡ଼ା, ଗୋଜାପଥର, ତାଳପକା ଆଦି ଅଞ୍ଚଳରେ ବ୍ୟାପକ ମକା, ଧାନ, ବୋଇତାଳୁ ଫସଲ ଖାଇବା ସହ ଦଳି ଚକଟି ନଷ୍ଟ କରି ଦେଇଛନ୍ତି। ବଂଶୀଧର ମହାନ୍ତ ଓ ବିଶ୍ୱନାଥ ମହାନ୍ତଙ୍କ ବୋଇତାଳୁ ବଗିଚା ନଷ୍ଟ କରିଥିବା ବେଳେ ରାମଚନ୍ଦ୍ର ମହାନ୍ତ, ନବୀନ ଚନ୍ଦ୍ର ମହାନ୍ତ, ଜୟକୃଷ୍ଣ ମହାନ୍ତ ଓ ଭାଗୀରଥି ମହାନ୍ତଙ୍କ ଧାନ କ୍ଷେତ ନଷ୍ଟ କରିଛନ୍ତି। ସରକାରୀ ନିୟମ ଅନୁଯାୟୀ କ୍ଷତିଗ୍ରସ୍ତ ପରିବାରଙ୍କୁ କ୍ଷତିପୂରଣ ଯୋଗାଇ ଦିଆଯିବ ବୋଲି ସାହାରପଡ଼ା ବନପାଳ ମୋହିନୀ ମହାନ୍ତ କହିଛନ୍ତି। ତେବେ ଗାଁ ନିକଟରେ ହାତୀପଲ ଥିବାରୁ ଲୋକେ ଆତଙ୍କିତ ଅବସ୍ଥାରେ ଅଛନ୍ତି। ହାତୀପଲ ୩ ଦିନ ହେବ ଦିନବେଳେ ଠାକୁରମୁଣ୍ଡା ରେଞ୍ଜ ପଳାଉଥିବା ବେଳେ ପୁଣି ରାତିରେ ନଦୀ ପାର ହୋଇ ପାଟଣା ରେଞ୍ଜକୁ ପଶି ଆସୁଛନ୍ତି। ଦିନବେଳା ଠାକୁରମୁଣ୍ଡା ଚଟୁରୀସାହି ଜଙ୍ଗଲରେ ହାତୀପଲ ବୁଲୁଥିବା ବନ ବିଭାଗ ପକ୍ଷରୁ ସୂଚନା ମିଳିଛି।

## ପୋଲିସ ନିଷ୍କ୍ରିୟତା ପ୍ରତିବାଦରେ ଥାନା ଘେରାଉ

ବୈଶିଙ୍ଗା,୫।୮(ଡି.ଏନ.ଏ.)

ପୋଲିସ ନିଷ୍କ୍ରିୟତା ପ୍ରତିବାଦରେ ଭାଜପା ପକ୍ଷରୁ ଗୁରୁବାର ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା ଘେରାଉ କରାଯାଇଥିଲା । ଭାଜପା କର୍ମୀଙ୍କ ଦ୍ୱାରା କିଛି ସମୟ ପାଇଁ ୧୮ନଂ. ଜାତୀୟ ରାଜପଥ ଅବରୋଧ କରାଯିବା ଯୋଗୁ ଉଭୟ ପାର୍ଶ୍ୱରେ ଶତାଧିକ ଗାଡ଼ିମଟର ଅଟକି ରହିଥିଲା । ଖବର ପାଇ ବଡ଼ସାହି ବିଧାୟକ ସନାତନ ବିଜୁଳି ପହଞ୍ଚି ବୁଝାସୁଝା କରିବା ପରେ ରାସ୍ତା ଅବରୋଧ ହଟିଥଲା । ଉତ୍ତେଜନାକୁ ଦୃଷ୍ଟିରେ ରଖି ପୋଲିସ ପକ୍ଷରୁ ଏକ ପ୍ଲାଟୁନ ଫୋର୍ସ ମୁତୟନ କରାଯାଇଥିଲା । ଘଟଣାସ୍ଥଳରେ ମାଜିଷ୍ଟ୍ରେଟ ଦାୟିତ୍ୱରେ ଥିବା ବେତନଟୀ ତହସିଲଦାର ସଂଗ୍ରାମ କେଶରୀ ପରିଡ଼ା ଓ ଏସ୍‌ଡିପିଓ ଲଳିତ କୁମାର ପଟ୍ଟନାୟକ ପ୍ରମୁଖ ଆନ୍ଦୋଳନକାରୀଙ୍କ ସହିତ ଆଲୋଚନା କରିବା ପରେ ଘେରାଉ ପ୍ରତ୍ୟାହୃତ ହୋଇଥିଲା ।

ଉଲ୍ଲେଖଯୋଗ୍ୟ, ଜଙ୍ଗଲ ସୁରକ୍ଷା କମିଟିର ଉପସଭାପତି ତଥା ଭାଜପା ନେତା ଚନ୍ଦ୍ରହାସ୍ୟ ପାଣିଗ୍ରାହୀଙ୍କୁ ଗତ ଜୁନ ୩୦ରେ ମରଣାନ୍ତକ ଆକ୍ରମଣ ହୋଇଥିଲା । ଏନେଇ ଥାନାରେ ଏକ ମାମଲା(ନଂ. ୧୯୯/୨୧) ରୁଜୁ ହେବା ସହ ପୋଲିସ ୪ ଜଣଙ୍କୁ ଗିରଫ କରିଥିଲା । ତେବେ ଏତଲାରେ ଉଲ୍ଲେଖ ଥିବା ଅନ୍ୟ ଅଭିଯୁକ୍ତମାନଙ୍କୁ ପୋଲିସ ଗିରଫ କରୁ ନ ଥିବାରୁ ଭାଜପା କର୍ମୀ ଓ ବଡ଼ ଗୋପାଳପୁର ଗ୍ରାମବାସୀ ଏକ ଶୋଭାଯାତ୍ରାରେ ଆସି ମଧ୍ୟାହ୍ନ ୧୨ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ଥାନା ଘେରାଉ କରିଥିଲେ । ବାରିପଦା ବିଧାୟକ ପ୍ରକାଶ ସୋରେନ, ସାରସକଣା ବିଧାୟକ ବୁଢ଼ାନ ମୁର୍ମୁ , ବଡ଼ସାହି ବିଧାୟକ ସନାତନ ବିଜୁଳି , ଭାଜପା ଜିଲା ସଭାପତି କାନ୍ଦ୍ରା ସୋରେନ, ପୂର୍ବତନ ଜିଲା ସଭାପତି କୃଷ୍ଣଚନ୍ଦ୍ର ମହାପାତ୍ର, ଜିଲା ପରିଷଦ ସଭ୍ୟ ବ୍ରଜମୋହନ ବେହେରା ଏବଂ ଭାଜପା ରାଜ୍ୟ ସମ୍ପାଦିକା ଚିତ୍ରା ବାଜପାୟୀ ପ୍ରମୁଖ ଉପସ୍ଥିତ ଥିଲେ ।


ଥାନା ଘେରାଉରେ ସାମିଲ ଭାଜପା କର୍ମକର୍ତ୍ତା ଓ ଗ୍ରାମବାସୀ।

## ପ୍ରବୀର ବିଜେଡି ଜିଲା ସାଧାରଣ ସମ୍ପାଦକ

ଭଦ୍ରକ ଅଫିସ, ୫।୮

ବିଜେଡି ପକ୍ଷରୁ ଭଦ୍ରକ ଜିଲା ସାଧାରଣ ସମ୍ପାଦକ ଭାବେ ପ୍ରବୀର ଜେନାଙ୍କୁ ନିଯୁକ୍ତି ଦିଆଯାଇଛି । ଏହି ଗୁରୁଦାୟିତ୍ୱ ପାଇଁ ସେ ଏମ୍‌ପି ମଞ୍ଜୁଲତା ମଣ୍ଡଳ, ବିଧାୟକ ସଞ୍ଜୀବ କୁମାର ମଲ୍ଲିକଙ୍କ ସମେତ ସମସ୍ତ ବିଧାୟକ, ପୂର୍ବତନ ବିଧାୟକ ଓ ଜିଲା ସଭାପତିଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି । ସେ ଛାତ୍ର ରାଜନୀତିରୁ ବିଧାୟକ ପ୍ରଫୁଲ୍ଲ ସାମଲଙ୍କ ଦ୍ୱାରା ଅନୁପ୍ରେରିତ ହୋଇ ଭଦ୍ରକ ପୌରାଞ୍ଚଳରେ ପାରିଷଦ ଭାବେ ନିର୍ବାଚିତ ହୋଇଥିଲେ । ପରେ ପୂର୍ବତନ ବିଧାୟକ ଯୁଗଳ କିଶୋର ପଟ୍ଟନାୟକଙ୍କ ସମୟରେ ନିଜ ମା'ଙ୍କୁ ପାରିଷଦ ଭାବେ ନିର୍ବାଚିତ କରାଇବାରେ ପ୍ରମୁଖ ଭୂମିକା



ଗ୍ରହଣ କରିବା ସହ ସେତେବେଳେ ଯୁବ ସଙ୍ଗଠନର ଦାୟିତ୍ୱ ନେଇଥିଲେ । ଜିଲା ରାଜନୀତିରେ ଜଣେ ସୁସଙ୍ଗଠକ ଏବଂ ଶୃଙ୍ଖଳିତ କର୍ମୀ ଭାବେ ଦୀର୍ଘଦିନର ଅଭିଜ୍ଞତାକୁ ପାଥେୟ କରି ବିଜେଡି ପକ୍ଷରୁ ତାଙ୍କୁ ଏହି ଦାୟିତ୍ୱ ପ୍ରଦାନ କରାଯାଇଛି ।

## ୨ ବଖରା ଜଳିଗଲା

ଖଇରା, ୫।୮(ଡି.ଏନ.ଏ.)

ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ଡାଲଙ୍ଗ ଗୁଲାସାହି ଗ୍ରାମରେ ବୁଧବାର ଅଗ୍ନିକାଣ୍ଡ ଘଟି ବାସନ୍ତୀ ସାହୁଙ୍କର ୨ ବଖରା ଘର ପୋଡିଯାଇଛି। ପରିବାର ଲୋକେ ବିଲକୁ ଯାଇଥିବା ବେଳେ ଏହି ଅଗ୍ନିକାଣ୍ଡ ଘଟିଥିଲା । କୌଣସି ଆସବାବପତ୍ର ଉଦ୍ଧାର କରାଯାଇପାରିନାହିଁ। ବିଦ୍ୟୁତ ସର୍ଟସର୍କିଟରୁ ଏହି ଦୁର୍ଘଟଣା ଘଟିଥିବା ସନ୍ଦେହ କରାଯାଉଛି। ଖଇରା ଦମକଳ କେନ୍ଦ୍ରର କର୍ମଚାରୀମାନେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ।

## କାଠ ବୋଝେଇ ବୋଲେରୋ ଜବତ

କେନ୍ଦୁଝର, ୫।୮(ଡି.ଏନ.ଏ.)

### ଜଣେ ଗିରଫ

କେନ୍ଦୁଝର ସଦର ରେଞ୍ଜ ଅଧୀନ ଜଙ୍ଗିରାରୁ ବୁଧବାର ରାତିରେ ଏକ କାଠ ବୋଝେଇ ବୋଲେରୋ ବନ ବିଭାଗ ଜବତ କରିଛି। ଜବତ ଗାଡ଼ିରେ ୨୩ ସିଫ୍ଟ ଶାଳ ଚଉକାଠ ଥିଲା । ଏହାର ଆନୁମାନିକ ମୂଲ୍ୟ ୫୦ ହଜାର ହେବ ବୋଲି ସୂଚନା ମିଳିଛି।

ପ୍ରକାଶ ଯେ, ଉକ୍ତ ଗାଡ଼ି କେନ୍ଦୁଝର ଅଭିମୁଖେ ଆସୁଥିବା ଖବର ପାଇ ବନ ବିଭାଗ ସ୍କ୍ୱାଡ ଜଙ୍ଗିରାଠାରୁ ୩ କିଲୋମିଟର ଦୂର ଖୁଦପଶି ନିକଟରେ ଜଗି ରହିଥିଲା । ଚଢ଼ାଉ କରି ଗାଡ଼ି ଜବତ କରିବା ସହ ଡ୍ରାଇଭରଙ୍କୁ ଗିରଫ କରିବାରେ ସକ୍ଷମ ହୋଇଛି। ଗିରଫ ଡ୍ରାଇଭର ତଥା ଗାଡ଼ି ମାଲିକ ଜଙ୍ଗିରାର ଦୀପକ କୁମାର ସାହୁ ବୋଲି ଜଣାପଡ଼ିଛି। ଜଙ୍ଗିରା ଫରେଷ୍ଟର


ଜବତ ହୋଇଥିବା କାଠ ବୋଝେଇ ଗାଡ଼ି।

ଜୟକୃଷ୍ଣ ଦାସ, ଟାଉନ ଫରେଷ୍ଟର କାଳନ୍ଦୀ ସାମଲ, ଫରେଷ୍ଟଗାର୍ଡ ଶଶୀକାନ୍ତ ନାୟକ, ନିରଞ୍ଜନ ସେଠୀଙ୍କ ସହ ସ୍କ୍ୱାଡ୍ କର୍ମଚାରୀ ଚଢ଼ାଉରେ ସାମିଲ ଥିଲେ।

## ବିଶ୍ୱ ସ୍ତନ୍ୟପାନ ସପ୍ତାହ

ଭଦ୍ରକ ଅଫିସ,୫।୮

ଭଦ୍ରକ ଏରେଇଁ ପଞ୍ଚାୟତର ଆଦିବାସୀ ସାହି ସ୍ଥିତ ଅଙ୍ଗନୱାଡି କେନ୍ଦ୍ରରେ ବିଶ୍ୱ ସ୍ତନ୍ୟପାନ ସପ୍ତାହ ପାଳନ କରାଯାଇଛି। ଏହି ଅବସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସଭାପତି ଜ୍ୟୋତିପ୍ରଭା ଜେନା, ସ୍ୱାସ୍ଥ୍ୟକର୍ମୀ ଅନିତା ମହାନ୍ତି, ରଞ୍ଜିତା ପାତ୍ର, ଅଙ୍ଗନୱାଡି କର୍ମୀ ସଞ୍ଜୁଲତା ବିଶ୍ୱାଳ, ଆଶାକର୍ମୀ ଦୁଲାରୀ ବିନ୍ଧାଣୀ ଓ ସଞ୍ଜୁଲତା ପଡ଼ିଆରୀ, ବନ୍ଧନ ସ୍ୱାସ୍ଥ୍ୟ ସହାୟିକା ନୀନା ବିଦାନ୍ତ ପ୍ରମୁଖ ଯୋଗଦେଇ ଏଥିରେ ଅଂଶଗ୍ରହଣ କରିଥିବା ଗର୍ଭବତୀ, ପ୍ରସୂତିମାନେ କିପରି ପିଲାକୁ ସ୍ତନ୍ୟପାନ କରାଇବେ ତାହାର ପ୍ରଣାଳୀ କହିଥିଲେ। ଏହାସହ ପିଲାଙ୍କ ଯତ୍ନ ନିଆଯିବା ସମ୍ପର୍କରେ ବିସ୍ତୃତ ଭାବେ ବୁଝାଇଥିଲେ।

# ଦୁଇବର୍ଷ ହେଲା ଅନ୍ଧାର

କେନ୍ଦୁଝର, ୫।୮(ସ୍ୱ.ପ୍ର.)

- ବଜ୍ରପାତରେ ପୋଡ଼ିଯାଇଛି ବିଦ୍ୟୁତ୍ ଟ୍ରାନ୍ସଫର୍ମର
- ପିଲାଙ୍କ ପାଠପଢ଼ା ପାଇଁ ଡିବିରି, ଲଣ୍ଠନ ଭରସା

କେନ୍ଦୁଝର ଜିଲାର ଆଦିବାସୀ ଅଧ୍ୟୁଷିତ ବାଂଶପାଳ ବ୍ଲକର ଜୁଆଙ୍ଗ ଜନଜାତି ବହୁଳ ମେଦିନପୁର ଓ ଭେଜଡିହି ଗାଁରେ ଦୁଇବର୍ଷ ହେଲା ବିଦ୍ୟୁତ୍ ସଂଯୋଗ ନାହିଁ। ଫଳରେ ୨ ଗାଁର ଲୋକେ ଅନ୍ଧାରରେ ରହୁଛନ୍ତି। ଏଥିପାଇଁ ସେମାନଙ୍କୁ ନାନା ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି। ବିଜୁଳି ଆଲୋକ ସେମାନଙ୍କ ପାଇଁ ଉପହାସ ପାଲଟିଛି ବୋଲି ସାଧାରଣରେ କୁହାଯାଇଛି।

ବଣ ଜଙ୍ଗଲ ପରିବେଷ୍ଟିତ ଏହି ଦୁଇ ଗାଁରେ ଶତାଧିକ ପରିବାର ବସବାସ କରୁଛନ୍ତି। ହାତୀ, ଅନ୍ୟ ବନ୍ୟଜନ୍ତୁ, ସରୀସୃପ ଆଦି ଭୟ ଲାଗି ରହିଥାଏ। ଦୁଇବର୍ଷ ତଳେ ବଜ୍ରପାତରେ ବିଦ୍ୟୁତ୍ ଟ୍ରାନ୍ସଫର୍ମର ପୋଡ଼ିଯିବା ପରଠାରୁ ଗାଁ ଅନ୍ଧାରରେ ରହିଛି। ସେବେଠାରୁ ଗ୍ରାମବାସୀ ବିଜୁଳି


ଦୁଇଜଣ ପିଲା ଲଣ୍ଠନ ଆଲୋକରେ ପାଠ ପଢୁଛନ୍ତି।

ଆଲୋକ ପାଇବାରୁ ବଞ୍ଚିତ ହୋଇଛନ୍ତି। ଗାଁକୁ ଚାରିପାର୍ଶ୍ୱରୁ ଜଙ୍ଗଲ ଘେରି ରହିଥିବାରୁ ସନ୍ଧ୍ୟାରେ ଘରୁ ବାହାରିବା ପାଇଁ ଭୟ କରୁଥିବା ଗ୍ରାମବାସୀ ପ୍ରକାଶ କରିଛନ୍ତି। ଏ ନେଇ ସେମାନେ ବାରମ୍ବାର ବିଭାଗୀୟ ଅଧିକାରୀମାନଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ କୌଣସି ସୁଫଳ ପାଉ ନ ଥିବାରୁ ଜିଲାପାଳଙ୍କ ହସ୍ତକ୍ଷେପ ଦାବି କରିଛନ୍ତି। ଅପରପକ୍ଷେ ଜଣେ ବିଦ୍ୟୁତ୍ ବିଭାଗର କର୍ମଚାରୀ କହି ପର୍ଯ୍ୟାୟକ୍ରମେ ଟ୍ରାନ୍ସଫର୍ମର ବସାଇବା ପାଇଁ ପ୍ରାୟ ତେର ହଜାର ଟଙ୍କା ଠକି ନେଇଥିବା ଗ୍ରାମବାସୀ ଅଭିଯୋଗ ଆଣିଛନ୍ତି। ଲକ୍‌ଡାଉନ ସମୟରେ ସରକାର ଅନ୍‌ଲାଇନରେ ପିଲାଙ୍କ ପାଠପଢ଼ା ବ୍ୟବସ୍ଥା କରିଥିଲେ। ହେଲେ ଏହି ଦୁଇ ଗ୍ରାମର ପିଲାମାନେ ଏଥିରୁ ବଞ୍ଚିତ ହୋଇଥିଲେ। ପାଠ ପଢ଼ିବାକୁ ଆଗ୍ରହ ରଖିଥିବା ପିଲାମାନଙ୍କ ପାଇଁ ଡିବିରି ଏବଂ ଲଣ୍ଠନ ଏକମାତ୍ର ଭରସା ପାଲଟିଛି। ଏଭଳି ସମସ୍ୟା ଯୋଗୁ ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ଅନ୍ଧାରକୁ ଠେଲି ହୋଇଯାଉଥିବା ଗ୍ରାମବାସୀ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ଉପଜିଲାପାଳ ରାମଚନ୍ଦ୍ର କିସ୍କୁଙ୍କୁ ପଚାରିବାରୁ ସମସ୍ୟା ସମାଧାନ ଲାଗି ପଦକ୍ଷେପ ନିଆଯିବ ବୋଲି କହିଛନ୍ତି।

## ୩ ସ୍କୁଲକୁ ଜିଲାସ୍ତରୀୟ 'ଫିଟ୍ ଇଣ୍ଡିଆ' ପୁରସ୍କାର

ଭଣ୍ଡାରିପୋଖରୀ, ୫।୮(ଡି.ଏନ.ଏ.)

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକର ୩ ସ୍କୁଲକୁ ଜିଲାସ୍ତରୀୟ ଫିଟ୍ ଇଣ୍ଡିଆ ପୁରସ୍କାର ୨୦୨୦-୨୧ ଗୁରୁବାର ଜିଲାପାଳଙ୍କ ସଦ୍‌ଭାବନା ଗୃହରେ ପ୍ରଦାନ କରାଯାଇଛି। ସେଥିମଧ୍ୟରେ ବାରିକପୁର ସରକାରୀ ଉଚ୍ଚ ବିଦ୍ୟାଳୟ, ନାଆଁମି ଓ କରଞ୍ଜି ଗୁଣ୍ଡପୁର ସରକାରୀ ଉ.ପ୍ରା. ବିଦ୍ୟାଳୟ ରହିଛି। ଜିଲାପାଳ ଡ. ଜ୍ଞାନ ଦାସଙ୍କ ପୌରୋହିତ୍ୟରେ ଆୟୋଜିତ ଉତ୍ସବରେ ଜିଲା ଶିକ୍ଷାଧିକାରୀ କପିଳେନ୍ଦ୍ର ମିଶ୍ର, ସମଗ୍ର ଶିକ୍ଷା ସଂଯୋଜିକା ଇତିଶ୍ରୀ ଜେନା ପ୍ରମୁଖ ଯୋଗ ଦେଇଥିଲେ। ଅଧ୍ୟୟନରତ ଛାତ୍ରୀଛାତ୍ରଙ୍କ ସୁସ୍ଥ ଓ ନିରାମୟ ଜୀବନ ଯାପନ ପାଇଁ ଯୋଗ, ବ୍ୟାୟାମ ଜରୁରୀ ବୋଲି ସେମାନେ ବକ୍ତବ୍ୟ ରଖିଥିଲେ। ଏହାସହ ସହକାରୀ ଗୋଷ୍ଠୀ ଶିକ୍ଷାଧିକାରୀ ଅକ୍ଷୟ କୁମାର ଜେନା, ଅନିଲ ବଳ, ଉମେଶ ଜେନା ଓ ସମ୍ପୃକ୍ତ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକଙ୍କ ଉଦ୍ୟମକୁ ପ୍ରଶଂସା କରିଥିଲେ। ଜିଲାପାଳ ସ୍ମାରକୀ ପ୍ରତୀକ, ସାର୍ଟିଫିକେଟ ଓ ୧ ହଜାର ଟଙ୍କା ଲେଖାଏ ପ୍ରଦାନ କରି ପୁରସ୍କୃତ କରିଥିଲେ।



ଜିଲାପାଳ ଡ. ଜ୍ଞାନ ଦାସଙ୍କଠାରୁ ପୁରସ୍କାର ଗ୍ରହଣ କରାଯାଉଛି।

